# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 August – 2026

**********************************

## ମୁଖ୍ୟ ସମ୍ବାଦ

- ‘ଖେଲୋ ଇଣ୍ଡିଆ ଆଲୋଚନା’କୁ ଆସନ୍ତାକାଲି ଆଭାସୀ ଜରିଆରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାକୁ ସରକାରଙ୍କ ଗୁରୁତ୍ୱ
- ପୟଗମ୍ବର ମହମ୍ମଦଙ୍କ ଜନ୍ମ ଦିବସରେ ଆଜି ପାଳନ କରାଯାଉଛି ଇଦ୍-ମିଲାଦ୍-ଉନ୍-ନବୀ
- ରାଜ୍ୟରେ ବନ୍ୟା ଓ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସୂଚନା

– ୧୦ଟି ଜିଲ୍ଲାର ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ

ଏବଂ

- ଲଘୁଚାପର ପ୍ରଭାବରେ ପ୍ରବଳ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କତା ଜାରି

English Pool/Nuapada

# ପିଏମ୍-ଖେଲୋ ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆଭାସୀ ମାଧ୍ୟମରେ 'ଖେଲୋ ଇଣ୍ଡିଆ ଆଲୋଚନା'କୁ ସମ୍ବୋଧନ କରିବେ । ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପାଳନର ଅଂଶ ସ୍ୱରୂପ 'ମେରା ଯୁବା ଭାରତ' ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଦେଶରେ ପରିଚାଳିତ ହେବ, ଯେଉଁଥିରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତି ଜିଲ୍ଲାର ୨ଟି ମହାବିଦ୍ୟାଳୟର ଯୁବାମାନେ ଅଂଶ ଗ୍ରହଣ କରିବେ । ଯୁବ ନେତୃତ୍ୱ, ନାଗରିକ ଦାୟିତ୍ୱ, ସ୍ୱେଚ୍ଛାସେବୀ ମନୋଭାବ, ସୁସ୍ଥତା ଏବଂ ଦେଶ ଗଠନ ଦିଗରେ ଏହା ସହାୟକ ହେବ । ଯୁବପିଢ଼ିଙ୍କୁ ଦେଶର କ୍ରୀଡ଼ା ସହ ଜଡ଼ିତ ହେବା ପାଇଁ ଏହି ଆଲୋଚନା ଏକ ପ୍ରତ୍ୟକ୍ଷ ମାଧ୍ୟମ ପ୍ରଦାନ କରିବ । ଫଳରେ ସେମାନଙ୍କର ବିଚାର ଏବଂ ଦୃଷ୍ଟିକୋଣ ଭାରତର ଯୁବ ଓ କ୍ରୀଡ଼ା ବ୍ୟବସ୍ଥାରେ ସାମିଲ ହୋଇପାରିବ ।

ଓଡ଼ିଶାର ୬୦ଟି ଅନୁଷ୍ଠାନକୁ ଏଥିପାଇଁ ଚୟନ କରାଯାଇଛି। ଛାତ୍ରଛାତ୍ରୀ ଓ ଜାତୀୟ ସେବା ଯୋଜନା, ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ନୂଆପଡ଼ାର ନ୍ୟାସନାଲ କଲେଜ ଓ ଖଡ଼ିଆଳ ସ୍ୱୟଂଶାସିତ କଲେଜ ଏଥିରେ ଅଂଶଗ୍ରହଣ କରୁଛନ୍ତି।

BBSR/R

## ଜମି ପଞ୍ଜୀକରଣ

ରାଜ୍ୟରେ ଜମି ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଏବଂ ନିୟମ ଅନୁପାଳନ ସୁନିଶ୍ଚିତ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡକ୍ଟର ଅରବିନ୍ଦ ପାଢ଼ି କହିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଯୁକ୍ତିଭିତ୍ତିକ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ଉପରେ ନିୟମିତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୂଆପଡ଼ା ଜିଲ୍ଲାରେ ଜମି ଜାଲିଆତି ପଞ୍ଜୀକରଣ ଅଭିଯୋଗରେ କୋମନା ତହସିଲଦାର, ସବ୍‌ରେଜିଷ୍ଟ୍ରାରଙ୍କୁ ନିଲମ୍ବିତ କରାଯାଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଜିଷ୍ଟ୍ରାରଙ୍କୁ ପଞ୍ଜୀକରଣ ସମ୍ପର୍କିତ କାର୍ଯ୍ୟକଳାପର ନିୟମିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଯୁକ୍ତିବିଦ୍ୟାର ସର୍ବାଧିକ ଉପଯୋଗ ପୂର୍ବକ ପଞ୍ଜୀକରଣ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରାଥମିକତା ବୋଲି ଶ୍ରୀ ପାଢ଼ି କହିଛନ୍ତି।

Subarnpur/Bhadrak/Kendrapada/

## ମହମ୍ମଦ ଜୟନ୍ତୀ

ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ହଜରତ ମହମ୍ମଦଙ୍କର ଜନ୍ମଦିବସକୁ ଆଜି ପବିତ୍ର ଇଦ୍‌-ଏ-ମିଲାଦ ଉନ୍‌ ନବୀ ଭାବେ ପାଳନ କରାଯାଉଛି । ମୁସଲମାନ ସଂପ୍ରଦାୟର ଭାଇ ଓ ଭଉଣୀମାନେ ଶୋଭାଯାତ୍ରାରେ ବାହାରି ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଇଥାନ୍ତି । ବିଶ୍ୱଶାନ୍ତି ପାଇଁ ମସ୍‌ଜିଦ୍‌ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁସଲମାନ ସଂପ୍ରଦାୟଙ୍କୁ ଏହି ଅବସରରେ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି ।

ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ **ଭଦ୍ରକ** ଜିଲ୍ଲାର ଧାମନଗର, ପୁରୁଣା ବଜାର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମସଜିଦରେ ସାମୂହିକ ନମାଜ ପାଠ କରାଯାଇଛି। ଜିଲ୍ଲାର ହାଇସ୍କୁଲ ପଡ଼ିଆଠାରେ ମୁସଲିମ ସମ୍ପ୍ରଦାୟର ଭାଇ–ଭଉଣୀମାନେ ଏକତ୍ରୀତ ହୋଇ ଉତ୍ସବ ପାଳନ କରିଛନ୍ତି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର, ବିନିକା, ତରଭା ଓ ନାରାୟଣପୁର ସମେତ ବିଭିନ୍ନ ସ୍ଥାନରେ ମହମ୍ମଦ ଜୟନ୍ତୀ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଛି। ଜିଲ୍ଲାର ମସଜିଦରେ ନମାଜ ପାଠ ସହ ଶୋଭାଯାତ୍ରା ସହର ପରିକ୍ରମା କରିଛି।

Desk

# ଇ-ଶ୍ରମ ପୋର୍ଟାଲ

ଇ-ଶ୍ରମ ପୋର୍ଟାଲକୁ ଆଜି ୫ ବର୍ଷ ପୂରଣ ହୋଇଛି । ଦେଶର ଅଣସଂଗଠିତ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଦ୍ୱାରା ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଇ-ଶ୍ରମ ପୋର୍ଟାଲ ଅଣସଂଗଠିତ ଶ୍ରମିକଙ୍କ ପାଇଁ ଏକ ଜାତୀୟ ତଥ୍ୟ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି । ୩୧ କୋଟି ଅଣାନବେ ଲକ୍ଷରୁ ଅଧିକ ପଞ୍ଜୀକରଣ ସହ ଏହି ପୋର୍ଟାଲ କଲ୍ୟାଣକାରୀ ଯୋଜନାର ସୁଫଳ, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ପେନସନ ସେବା ଆଦି ପ୍ରଦାନରେ ଏକ ଏକୀକୃତ କ୍ଷେତ୍ର ଭାବେ କାର୍ଯ୍ୟ କରୁଛି । ୧୫ଟି ସାମାଜିକ ସୁରକ୍ଷା ଏବଂ କଲ୍ୟାଣକାରୀ ଯୋଜନା ଏହି ପ୍ଲାଟଫର୍ମ ମାଧ୍ୟମରେ ଉପଲବ୍ଧ ହେଉଛି ।

HS

# ସେବା ସଂକଳ୍ପ ଅଭିଯାନ

ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରଭାରୀ ବିଜୟପାଲ ସିଂହ ତୋମାରଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ତଥା ଦଳର ବରିଷ୍ଠ ରାଜ୍ୟ ପଦାଧିକାରୀ ଏହି ବୈଠକରେ ଉପସ୍ଥିତ ଅଛନ୍ତି।

Desk

## ବନ୍ୟା

ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ, ଖାଦ୍ୟ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା ଓ ରିଲିଫ ସାମଗ୍ରୀର କୌଣସି ଅଭାବ ନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ଶ୍ରୀ ପାଟିଲ କହିଛନ୍ତି, ଆବଶ୍ୟକତା ଅନୁଯାୟୀ ଅଧିକ ସମ୍ବଳ ଯୋଗାଇ ଦେବାକୁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବିଭିନ୍ନ ସୁରକ୍ଷା ନିର୍ଦ୍ଦେଶାବଳୀର ଅନୁପାଳନ କରି ଧନଜୀବନ ସହ ନିଜକୁ ସୁରକ୍ଷିତ ରଖିବାକୁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ରାଜ୍ୟରେ ବନ୍ୟା ଓ ବର୍ଷା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଗତ ୧୩ ତାରିଖରୁ ଆଜି ପର୍ଯ୍ୟନ୍ତ ୧୦ଟି ଜିଲ୍ଲାର ମୋଟ ୯୧ଟି ବ୍ଲକ, ୬୦୪ଟି ଗ୍ରାମପଞ୍ଚାୟତ, ୧୮୯୫ଟି ଗ୍ରାମର ୧୩ ଲକ୍ଷ ୫୦ ହଜାର ୩୦୬ ଜଣ ଲୋକ ସାମଗ୍ରୀକ ଭାବେ ପ୍ରଭାବିତ ହୋଇଛନ୍ତି। ବାଲେଶ୍ୱର,

ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ନଦୀର ଜଳସ୍ତର ବୃଦ୍ଧି, ଜଳବନ୍ଦୀ ସମସ୍ୟା, ଘାଇ ସୃଷ୍ଟି ଓ ଯୋଗାଯୋଗ ବିଛିନ୍ନ ଆଦି ସମସ୍ତ ସମସ୍ୟାକୁ ତ୍ୱରିତ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲାର ୬୮ଟି ଗ୍ରାମ ପଞ୍ଚାୟତର ୧୮୯ଟି ଗ୍ରାମର ୮୦ ହଜାର ୨୮୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ୮୭ଟି ଫ୍ରି-କିଚେନ ମାଧ୍ୟମରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ୨୧ଟି ଓଡ୍ରାଫ, ଗୋଟିଏ ଏନ୍.ଡି.ଆର୍.ଏଫ୍, ୩୩ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଏବଂ ଦୁଇଟି ପୁଲିସ ଟିମ୍‌କୁ ମିଶାଇ ସମୁଦାୟ ୫୭ଟି ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଆଶ୍ରୟସ୍ଥଳୀଗୁଡ଼ିକରେ ଜନସାଧାରଣଙ୍କୁ ପିଇବା ପାଣି, ପରମଳ, ଆଲୋକ, ଚିକିତ୍ସା ସୁବିଧା ଓ ଶିଶୁ, ଗର୍ଭବତୀ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ୮ ହଜାର ୬୧୧ଟି ନଳକୂପ ଓ ୨୪୫ଟି ପିଡବ୍ଲ୍ୟୁଏସ୍ ପ୍ରକଳ୍ପ ପ୍ରଭାବିତ ହୋଇଥିବାବେଳେ ଏହାର ବିଶୋଧନ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଯାଜପୁରରେ ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୩ ହଜାର ୬୫୩ ଜଣଙ୍କୁ ଚିକିତ୍ସା କରାଯାଉଛି। ଏଥିସହ ୩୦୪ଟି ଝାଡ଼ାବାନ୍ତି ଓ ୪୯ଟି ସର୍ପାଘାତ ମାମଲା ରିପୋର୍ଟ ହୋଇଛି। ବନ୍ୟା ଯୋଗୁଁ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି ଓ ୫ ଲକ୍ଷ ୬୦ ହଜାର ୩୫୬ ପଶୁସମ୍ପଦ ପ୍ରଭାବିତ ହୋଇଛି। ୨୪୨ଟି କ୍ୟାମ୍ପ ମାଧ୍ୟମରେ ୨୫ ହଜାର ୨୩୦ ପଶୁଙ୍କୁ ଚିକିତ୍ସା ଓ

ଟୀକାକରଣ କରାଯାଇଛି ଏବଂ ୧୫ ଶହ ୮୭ ଦଶମିକ ୫/୬ ମେଟ୍ରିକ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଏହି ସମୟ ମଧ୍ୟରେ ୪୧ଟି ପଶୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

Desk

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିବା ସହ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କସୂଚନା ଜାରି କରାଯାଇଛି। ଏଥିସହିତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଏହାପରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

ଚଳିତ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୩୪୭ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୧୬ ଦଶମିକ ୪ ପ୍ରତିଶତ ଅଧିକ ଅଟେ। ସେହିପରି ଚଳିତ ମୌସୁମୀ ଋତୁ ଅର୍ଥାତ ଜୁନ୍ ମାସ ପହିଲାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୧ ଶହ ୩ ଦଶମିକ ୯ ମିଲିମିଟର ବର୍ଷା ହୋଇଯାଇଛି। ଯାହା

ସ୍ୱାଭାବିକ ବର୍ଷାର ପରିମାଣଠାରୁ ୩୦ ଦଶମିକ ୯ ପ୍ରତିଶତ ଅଧିକ ଅଟେ। ରାଜ୍ୟର ୨୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଥିବାବେଳେ ଅବଶିଷ୍ଟ ୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଯାଇଛି। କୌଣସି ବି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇ ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩ ଦଶମିକ ୪/୫ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୫୨ ହଜାର ୨୮୮ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ୧୬ଟି ଗେଟ୍ ଦେଇ ୨ ଲକ୍ଷ ୮୬ ହଜାର ୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

Desk

## କଟକ ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରା ଆସନ୍ତା ନଭେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହେବା ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି। ଡିସେମ୍ବର ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବାଲିଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ସହ ବଲିଉଡ୍ ଓ ଓଲିଉଡ୍‌ର କଳାକାରମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

Desk

## ଡିପ୍ଲୋମା ପରୀକ୍ଷା ଫର୍ମ ପୂରଣ

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପ୍ରାଥମିକ ଶିକ୍ଷା ଡିପ୍ଲୋମା ପରୀକ୍ଷାର ଫର୍ମ ପୂରଣ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବ। ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୬ ତାରିଖ ରହିଛି। ସମ୍ପୂର୍ଣ୍ଣ ଫର୍ମପୂରଣ ସେପ୍ଟେମ୍ବର ୮ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଦାଖଲ କରିବାକୁ ପରିଷଦ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନଲାଇନ୍ ମାଧ୍ୟମରେ www.bseodisha.nic.in ଜରିଆରେ ପରୀକ୍ଷାର୍ଥୀ ଆବେଦନ କରିପାରିବେ।

Malkangiri

## ମାଓବାଦୀ ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ ଚେରକୋଟଲା, କିର୍‌ମିଟି, କଟୁଆପଦର ଓ କାଦଭଟ୍ଟା ଗ୍ରାମ ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ପୋତା ଯାଇଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି। ମାଓବାଦୀମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ପାଇ ଘଟଣାସ୍ଥଳରେ ତଦନ୍ତ ଜାରି ରହିଛି।

Boudh

## ସଡ଼କ ସୁରକ୍ଷା

ବୌଦ୍ଧ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ପରିବହନ

କାର୍ଯ୍ୟାଳୟ ପକ୍ଷରୁ ଗତ ୭ ମାସ ମଧ୍ୟରେ ମୋଟ ୬ ହଜାର ୬୯୦ଟି ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଛି। ୧ କୋଟି ୮୪ ଲକ୍ଷ ୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

Desk

## ଭଲିବଲ୍ କାଉନସିଲ

କଳିଙ୍ଗ ଭଲିବଲ୍ ଡେଭଲପ୍‌ମେଣ୍ଟ କାଉନସିଲର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଆଜିଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେଉଛି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରୁ ୧୬ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିପାରିବେ। ଗ୍ରାମାଞ୍ଚଳରେ ଭଲିବଲ ପ୍ରତିଭାର ବିକାଶ ସହ ଯୁବ ପ୍ରତିଭାଙ୍କୁ ଏକ ସୁଯୋଗ ଦେବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ।